# ମରୁଆଁ-ତାଳପଦର ରାସ୍ତା କାମ ନିମ୍ନମାନର



ପାଟଣାଗଡ଼,୨୭ ।୨(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ୍ ମରୁଆଁ ପଞ୍ଚାୟତ ତାଳପଦର ଗାଁରେ କିଛିଦିନ ତଳେ କଂକ୍ରିଟ ରାସ୍ତା କାମ ହୋଇଥିବା। ତେବେ ଏହା ଅତି ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଏଥିସହ ଗତବର୍ଷ ମରୁଆଁ ପୋଖରୀ ଆଡିରେ ହୋଇଥିବା କଂକ୍ରିଟ ରାସ୍ତା କାମରେ ମଧ୍ୟ ଘୋର ଦୁର୍ନୀତି ହୋଇଛି। ରାସ୍ତା ସବୁ ଫାଟି ଆଁ କଲାଣି। ତେବେ ଏଭଳି ନିମ୍ନମାନର କାମକୁ ତଦାରଖ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଜଣକ କିଭଳି ବିଲ୍ ପାସ୍ କଲେ ତାଙ୍କ ଭୂମିକାକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। ଏହି ଘଟଣାରେ ପିଡି ତରଣୀ ସୁନା ବିଡ଼ିଓଙ୍କୁ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି କରିଥିବା "ସକାଳ'କୁ କହିଥିଲେ; କିନ୍ତୁ ଏ ଘଟଣାରେ ଏ ପର୍ଯ୍ୟନ୍ତ କୌଣସି ତଦନ୍ତ ହୋଇନି। ଏଭଳି ଏକ ଦୁର୍ନୀତିକୁ ବିଭାଗ କାହିଁକି ଘଣ୍ଟ ଘୋଡାଇ ଚୁପ୍ ରହିଛି ଓ ତଦନ୍ତ ଆଳରେ ମାମଲାକୁ ଚାପିବାକୁ ଉଦ୍ୟମ କରୁଛି ତାହା ତଦନ୍ତ ସାପେକ୍ଷ। ଅନ୍ୟପଟେ ରାସ୍ତାକାମ କରିଥିବା ଠିକାଦାର ଜଣକ ଶାସକ ଦଳର ହୋଇଥିବାରୁ ଏ ଘଟଣାରେ ବିଭାଗ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା ତଦନ୍ତ କରିବାକୁ ମଧ୍ୟ ସାହସ ଜୁଟାଇ ପାରୁନାହିଁ ବୋଲି ଅଭିଯୋଗ ହେଉଛି। ତେବେ ଏ ଘଟଣାରେ ପିଡିଙ୍କ ଚିଠି ସତ୍ତ୍ୱେ ବିଡ଼ିଓ କାହିଁକି କାର୍ଯ୍ୟାନୁଷ୍ଠାନ ନ ନେଇ ଚୁପ ରହିଛନ୍ତି ତାଙ୍କର ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି। ତେବେ ପିଡିଙ୍କ ନିର୍ଦ୍ଦେଶକୁ ମଧ୍ୟ ବେଖାତିର କରାଯାଉଥିବା ଅଭିଯୋଗ ହେଉଛି। ଏହି ନିମ୍ନମାନର ରାସ୍ତା କାମ ଘଟଣାରେ ଚର୍ଚ୍ଚାରେ ରହିଛନ୍ତି କନିଷ୍ଠ ଯନ୍ତ୍ରୀ। ଅଞ୍ଚଳରେ ଏଭଳି ଅନେକ ନିମ୍ନମାନର କାମକୁ ମୋଟା ଅଙ୍କର ପିସି ନେଇ ବିଲ୍ ସବୁ ପାସ୍ କରୁଥିବା ଭଳି ଗୁରୁତର ଅଭିଯୋଗ ହେଉଛି। ତେବେ ଏହି ଠିକାଦାର ଜଣକ ସ୍ଥାନୀୟ ବିଧାୟକଙ୍କ ଛତ୍ରଛାୟାରେ ରହିଥିବାରୁ ତାଙ୍କ ନାଁରେ ଏଭଳି ନିମ୍ନମାନର କାମର ବିଲ୍ ପାଇଁ ଚାପ ପକାଉଥିବା ଭଳି ଅଭିଯୋଗ ହେଉଛି। ଏହି ମାମଲାକୁ ସମସ୍ତେ ମିଳିମିଶି ଚାପି ଦେବାକୁ ଉଦ୍ୟମ କରୁଥିବା ଅଭିଯୋଗ ଉଠିଛି।

- ଠିକାଦାର ଶାସକ ଦଳର
- କାର୍ଯ୍ୟାନୁଷ୍ଠାନ ପାଇଁ ସାହସ ପାଉନି ବିଭାଗ
- ମିଳିମିଶି ଦୁର୍ନୀତିକୁ ଚାପିଦେବାକୁ ଉଦ୍ୟମ

# ରାସ୍ତା କାମକୁ ନେଇ ଅସନ୍ତୋଷ




ସଇଁତଲା,୨୭ ।୨(ସମିସ): ବଲାଙ୍ଗୀର ଜିଲ୍ଲାର ସଇଁତଲା ବ୍ଲକ୍ ଅଧୀନ କନ୍ଦକେଲଗାଁ ପଞ୍ଚାୟତରେ ମନରେଗା ଯୋଜନାରେ ହେଉଥିବା ଏକ ରାସ୍ତା କାମକୁ ନେଇ ସ୍ଥାନୀୟ ଲୋକଙ୍କ ଭିତରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। କନ୍ଦକେଲଗାଁ ପଞ୍ଚାୟତ ସିନାଖମନ ଗାଁ ରାସ୍ତାଠାରୁ ଭାଲୁଡୁଙ୍ଗୁରି ଛକ ପର୍ଯ୍ୟନ୍ତ ରାସ୍ତା ଉନ୍ନତିକରଣ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ୯,୯୯,୯୯୬ ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ୩୦।୧୦।୨୦୨୫ରୁ କାମ ଆରମ୍ଭ ହୋଇଛି। ତେବେ ଏହି ରାସ୍ତା କାହା ପାଇଁ ବୋଲି ସ୍ଥାନୀୟ ଲୋକ ପ୍ରଶ୍ନ କରିଛନ୍ତି। ରାସ୍ତାର କିଛି ଦୂରରେ ଗୋଟିଏ ପଥର କ୍ରସର ଥିବା ବେଳେ ଆଉ କିଛି ଦୂରରେ ଘନ ଜଙ୍ଗଲ ଅଞ୍ଚଳ ରହିଛି। ତେଣୁ ଏହି ରାସ୍ତା ଗ୍ରାମବାସୀଙ୍କ ସୁବିଧା ପାଇଁ କି କ୍ରସର ନା ଗଛ ମାଫିଆ କିମ୍ବା ଅବୈଧ ପଥର ଖନନକାରୀଙ୍କ ସୁବିଧା ପାଇଁ ତିଆରି ହେଉଛି ସେନେଇ ସନ୍ଦେହ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ଏହି କାମରେ ଶ୍ରମିକ ନିଯୁକ୍ତି ହେଉନାହିଁ। କିଛି ଲୋକ କାମ କରି ନ ଥିବା ସତ୍ତ୍ୱେ ତାଙ୍କ ନାମରେ ଟଙ୍କା ଜମା ହୋଇଛି। ଗାଁ ସାଥି ଓ ବ୍ଲକ୍ କର୍ମଚାରୀଙ୍କ ସଲାସୁତୁରାରେ କାମ ଆରମ୍ଭ ହୋଇଛି। କୌଣସି ନିୟମ କିନ୍ତୁ ପାଳନ ହେଉନି। ଏ ନେଇ ପଞ୍ଚାୟତ ଏଡିଇଓ ପଙ୍କଜ ପୋଡ଼ଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରୁ ଆଗରୁ ଫାଇଲ ଖୋଲାଯାଇଛି। ମୁଁ କ'ଣ କରି ପାରିବି। ୧ ଲକ୍ଷ ୭୦ ହଜାର ଭିତରେ ଟଙ୍କା ଉଠି ଥିବା କହିଛନ୍ତି। ଅନ୍ୟପକ୍ଷେ ଏନେଇ ସଇଁତଲା ବିଡ଼ିଓ ପୁରୁଷୋତ୍ତମ ମିର୍ଦ୍ଧାଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ତଦନ୍ତ କରି ଦୋଷୀଙ୍କ ବରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ରାସ୍ତା ଅବରୋଧ କାର୍ଯ୍ୟକ୍ରମ ସ୍ଥଗିତ

ଦେଓଗାଁ,୨୭।୨(ସମିସ): ଟିଟିଲାଗଡ ଡିଭିଜନ ଦେଓଗାଁ ରେଞ୍ଜ ତରଫରୁ ରାଜପଥ ଅବରୋଧ କାର୍ଯ୍ୟକ୍ରମ ସ୍ଥଗିତ ରହିଛି। ବରଗଡ-ବୋରିଗୁମ୍ମା ୨୬ ନଂ ଜାତୀୟ ରାଜପଥ ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ମୁଖ୍ୟାଳୟ ବସଷ୍ଟାଣ୍ଡଠାରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ରାଜପଥ ଅବରୋଧ କରାଯିବାର ଥିଲା। କେନ୍ଦୁପତ୍ର କର୍ମଚାରୀ ଓ ବନ୍ଧେଇ ଶ୍ରମିକଙ୍କ ଦାବି ସମ୍ପର୍କରେ ଆଲୋଚନା କରିବା ପାଇଁ ପ୍ରସ୍ତାବ ଆସିବା ପରେ ରାସ୍ତା ଅବରୋଦ ସ୍ଥଗିତ ରଖାଯାଇଛି। ସ୍ଥାନୀୟ ସଂଘ ସମ୍ପାଦକ ରାଜକିଶୋର ମେହେର କହିଛନ୍ତି ଯେ, ସରକାର ଦାବି ପୂରଣ ଦିଗରେ ସକାରାତ୍ମକ ପଦକ୍ଷେପ ଗ୍ରହଣ ନ କଲେ ଆନ୍ଦୋଳନ ତୀବ୍ର କରାଯିବ।

# ବଦନାମ କରୁଛି ପ୍ରେମ; ବିବାହ ପାଇଁ ବିଶ୍ୱାସ ପାଉନି

ବଲାଙ୍ଗିର,୨୭ ।୨(ସମିସ)

ବିବାହ ହେଉଛି ଦୁଇଟି ମଣିଷର ବିଶ୍ୱାସର ବନ୍ଧନ। ଅଗ୍ନିକୁ ସାକ୍ଷୀ ରଖି ସାତ ଫେରା ନେଇ ସାତ ଜନ୍ମ ସାଥୀ ହେବାକୁ ଦୁଇ ଜଣ ଶପଥ କରିଥାନ୍ତି; କିନ୍ତୁ ବର୍ତ୍ତମାନ ସମୟରେ ବିବାହକୁ ନେଇ ଏକ ଅବିଶ୍ୱାସର ବାତାବରଣ ସୃଷ୍ଟି ହୋଇଛି। ବଲାଙ୍ଗିର ଜିଲ୍ଲାରେ ଗତ କିଛି ଦିନ ଧରି ଘଟିଥିବା ତିନୋଟି ଅଭାବନୀୟ ବିବାହ ସମ୍ବନ୍ଧୀୟ ଘଟଣା ସମାଜରେ ବିଶ୍ୱାସ ଓ ପରିବାରିକ ମୂଲ୍ୟବୋଧକୁ ନେଇ ଗଭୀର ପ୍ରଶ୍ନ ଉଠାଇଛି। ପ୍ରେମ, ବିବାହ ଓ ଦାମ୍ପତ୍ୟ ସମ୍ପର୍କ ପାଇଁ ଆଧାର ହେଉଛି ଭରସା ଓ ପ୍ରତିବଦ୍ଧତା। ସେଠାରେ ଏହି ଘଟଣାଗୁଡ଼ିକ ଅବିଶ୍ୱାସର ଛାପ ଛାଡ଼ିଦେଇଛି। ଏହାକୁ ନେଇ ବଲାଙ୍ଗିର ଜିଲ୍ଲାର ନାମ ଖରାପ ହୋଇଛି। ଯୁବକ ଯୁବତୀମାନଙ୍କ ଏହିଭଳି କାଣ୍ଡ ଯୋଗୁଁ ତାଙ୍କ ପରିବାର ଲୋକ ମଧ୍ୟ କ୍ଷତିଗ୍ରସ୍ତ ହୋଇଛନ୍ତି।

କଣ୍ଟାବାଞ୍ଜି ଥାନା କନ୍ଧବାହାଲ ଗାଁରେ ଘଟିଥିବା ଏକ ଅଜବ ଘଟଣା ସମସ୍ତଙ୍କୁ ଅବାକ କରିଦେଇଥିଲା। ପବିତ୍ର ବନଛୋରଙ୍କ ଝିଅଙ୍କ ସହ ମୁରିବାହାଲ ବ୍ଲକ ସାଲେପଡା ନୂଆପଡା ଗାଁର ନିଲାଞ୍ଚଳ ଛତ୍ରିଆଙ୍କ ବିବାହ ନିର୍ଦ୍ଧାରିତ ଥିଲା। ପିନ୍ଧାନୀ ଓ ଅନ୍ୟାନ୍ୟ ରୀତିନୀତି ପାଇଁ ସମସ୍ତ ପ୍ରସ୍ତୁତି ସରିଥିବା ବେଳେ ବରଯାତ୍ରୀ ଆସିବାକୁ ଥିଲା। ଶେଷ ମୁହୂର୍ତ୍ତରେ ବର ପକ୍ଷରୁ କୌଣସି ଗତିବିଧି ନ ଦେଖାଯାଇବାରୁ କନ୍ୟା ପକ୍ଷ ଫୋନ ଯୋଗେ ଯୋଗାଯୋଗ କରିଥିଲେ। ବରର ବାପା ସୂଚନା ଦେଇଥିଲେ ଯେ ନିଲାଞ୍ଚଳ ନିଜ ପ୍ରେମିକାଙ୍କୁ ନେଇ ଫେରାର ମାରିଛନ୍ତି। ଏହି ଖବର ପହଞ୍ଚିବା ପରେ କନ୍ୟା ପରିବାର ମାନସିକ ଭାବେ ଭାଙ୍ଗି ପଡ଼ିଥିଲେ। ପରେ କନ୍ୟାଙ୍କ ବାପା କଣ୍ଟାବାଞ୍ଜି ଥାନାରେ ଲିଖିତ ଅଭିଯୋଗ କରିଥିଲେ।







ଏହାର ଠିକ୍ ଗୋଟିଏ ଦିନ ପୂର୍ବରୁ ଏହିଭଳି ଆଉ ଏକ ଘଟଣା ସାମ୍ନାକୁ ଆସିଥିଲା। କଣ୍ଟାବାଞ୍ଜି ସହରର ଧୁବପଡାର ଲକ୍ଷ୍ମୀ ପ୍ରିୟା ବେହେରା (ବିନି) ଗତ ଫେବୃଆରୀ ୮ ତାରିଖରେ ହିନ୍ଦୁ ରୀତିନୀତି ଅନୁସାରେ ମୁରିବାହାଲ ଥାନା କର୍ଲା ଗାଁର ମୁକେଶ ବିଶ୍ୱାଳଙ୍କୁ ବିବାହ କରିଥିଲେ। ବିବାହ ପରେ ସେ କିଛି ଦିନ ପାଇଁ ନିଜ ବାପାଘର କଣ୍ଟାବାଞ୍ଜିକୁ ଆସିଥିଲେ; କିନ୍ତୁ ଫେବୃଆରୀ ୨୨ ତାରିଖରେ ସେ ନିଜ ପ୍ରେମିକଙ୍କ ସହ ଫେରାର ହୋଇଯାଇଥିବା ଖବର ସାମ୍ନାକୁ ଆସିଥିଲା। ତାଙ୍କ ସ୍ୱାମୀ ଓ ପରିବାର ଲୋକ ଥାନାକୁ ଆସି ଅଭିଯୋଗ କରିବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା। ସେ ପ୍ରାୟ ୨ ଲକ୍ଷ ଟଙ୍କାର ସୁନା ଓ ୨୦ ହଜାର ଟଙ୍କା ନେଇ ଯାଇଥିବା ବେଳେ ସ୍ୱାମୀ ଓ ତାଙ୍କ ପରିବାର ସହିଥିବା କ୍ଷତି ଭରଣା କରିବାକୁ ପରିବାର ଲୋକେ ଦାବି କରିଥିଲେ।

ଅନ୍ୟପକ୍ଷରେ ବଲାଙ୍ଗିର ତଥା ସୋନପୁର ଜିଲ୍ଲାରେ ଏମିତି ଆଉ ଏକ ଘଟଣା ସାମ୍ନାକୁ ଆସିଥିଲା ଯାହାକି ଆଜି ବି ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇ ରହିଛି। ବନ୍ଧୁକ ଦେଖାଇ ନବବଧୂକୁ କାରରୁ ସ୍ୱାମୀ ସାମ୍ନାରୁ ପ୍ରେମିକ ଉଠାଇ ନେଇଥିଲା। ଖୁଜେନପାଲି ଗାଁର ରିଙ୍କୁ ପୁଟେଲଙ୍କ କଣ୍ଟାମାଳ ଅଞ୍ଚଳର ସର୍ଜନ ପୁଟେଲଙ୍କ ଝିଅ ରଶ୍ମି ପୁଟେଲଙ୍କ ସହ ଧୁମଧାମରେ ବିବହ ସମ୍ପନ୍ନ ହୋଇଥିଲା। ବିବାହ ସାରିବା ପରେ ସକାଳେ ନବବଧୂଙ୍କୁ ନେଇ ବରପକ୍ଷ ଘରକୁ ଫେରୁଥିଲେ। ତରଭା ନିକଟରେ ରଶ୍ମିର ପ୍ରେମିକ ସ୍ୱାମୀକୁ ବନ୍ଧୁକ ଦେଖାଇ ରଶ୍ମିକୁ ନେଇ ଫେରାର ହୋଇ ଯାଇଥିଲା। ପରବର୍ତ୍ତୀ ସମୟରେ ଉଭୟ ପ୍ରେମୀ ଯୁଗଳକୁ ତରଭା ପୁଲିସ ସମ୍ବଲପୁରରେ ଠାବ କରିଥିଲା। ବିବାହ ପାଇଁ ରିଙ୍କୁଙ୍କ ମା' ଧାର କରଜ କରି ସବୁ ଯୋଗାଡ କରିଥିବା ବେଳେ ଏହି ଘଟଣା ତାଙ୍କୁ ଚିନ୍ତାରେ ପକାଇଥିଲା।

ଏହିଭଳି ଘଟଣାରେ ବରପକ୍ଷ ଓ କନ୍ୟାପକ୍ଷ ଟଙ୍କା ଖର୍ଚ୍ଚ କରି କ୍ଷତି ସହିବା ସହ ଲୋକ ଲଜ୍ଜାକୁ ବି ସହିଥାଆନ୍ତି। ସଦ୍ୟ ଘଟି ଯାଇଥିବା ଏହି ତିନୋଟି ଘଟଣା ପ୍ରମାଣ କରୁଛି ଯେ ବିବାହ ପୂର୍ବରୁ ଠିକ୍ ଆଲୋଚନା ଓ ପାରଦର୍ଶିତାର ଅଭାବ ଗୁରୁତର ପରିଣାମ ଆଣିପାରେ। ପ୍ରେମ ଓ ବିବାହର ମୂଳ ହେଉଛି ଭରସା। ଯଦି ପରିବାର ଓ ବ୍ୟକ୍ତିଗତସ୍ତରରେ ଠିକ୍ ବିଚାରବିମର୍ଶ ନ ହୁଏ ତେବେ ଏପରି ଅଭାବନୀୟ ଘଟଣା ଘଟିବାର ଆଶଙ୍କା ବଢ଼ିଯାଏ।

# ଜିଲ୍ଲା ଶିଳ୍ପକେନ୍ଦ୍ର ପ୍ରବନ୍ଧକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବଲାଙ୍ଗିର,୨୭ ।୨(ସମିସ): ବଲାଙ୍ଗିର ଜିଲ୍ଲା ଶିଳ୍ପକେନ୍ଦ୍ର ପ୍ରବନ୍ଧକ ବିଷ୍ଣୁ ପ୍ରସାଦ ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ସ୍ଥାନୀୟ ଏକ ହୋଟେଲରେ ଅବସରକାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଥିଲା। ବଲାଙ୍ଗିର ଶିଳ୍ପ ସଂଘ (ଓସ୍‌ମେ) ସଭାପତି ପ୍ରକାଶ ନେପାକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଡିଆଇସିର ବରିଷ୍ଠ ଅଧିକାରୀ ନିରୋଜ ପାଣିଗ୍ରାହୀଙ୍କ ଉପସ୍ଥିତିରେ ସିଦ୍ଧେଶ୍ୱର ମିଶ୍ର, ଉପ-ସଭାପତି ସବ୍ୟସାଚୀ ମାଝି, କୋଷାଧ୍ୟକ୍ଷ ଆଲୋକ ମହାନ୍ତି, ଯୁବ ଉଦ୍ୟୋଗୀ ଆଶିଷ ରଥ, ବରିଷ୍ଠ ସଭ୍ୟ କୂଳଭୂଷଣ ପୁରୋହିତ, ପ୍ରସନ୍ନ ଗିରି, ରାଜୁ ପଟେଲ, ପାଟଣାଗଡ ଉଦ୍ୟୋଗୀ ସରୋଜ ମେହେର, ବଲାଙ୍ଗିରର ଉଦ୍ୟୋଗୀ ପ୍ରମୋଦ ପ୍ରଧାନ, ଭିକି ଅଗ୍ରୱାଲ, ଭିଲେଶ ଜୈନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଆଲୋକ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଦେଓଗାଁ,୨୭।୨(ସମିସ): ଜରାସିଂହା ଶାଶ୍ୱତ ଡିଗ୍ରୀ କଲେଜରେ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ତାଲିମ




ଶିବିର ଉଦ୍‌ଯାପିତ ହୋଇଛି। ଅଧ୍ୟକ୍ଷ ପୁରୁଷୋତ୍ତମ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଗ୍ନିଶମ କର୍ମଚାରୀ ଡୋଳାମଣୀ ଷାଣ୍ଡ ଓ ବିକ୍ରମ ରାଉଳ ପ୍ରମୁଖ ଯୋଗଦେଇ ଆତ୍ମ ସୁରକ୍ଷାର ବିଭିନ୍ନ କୌଶଳ ଉପରେ ଦିଗଦର୍ଶନ ଦେଇଥିଲେ। ମାଷ୍ଟରଟ୍ରେନର ପ୍ରେମବତୀ ଜାଲ ତାଲିମ ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ନିବାସ ଗଡତ୍ୟା, ବିନ୍ଦୁସାଗର ବେହେରା, ଜଗଦୀଶ ସିଂ ବାବୁ, ବ୍ୟାସଦେବ ଦଣ୍ଡସେନା, ସଂଗୀତା ମେହେର, ଶ୍ରୀତମ ଯୋଷୀ ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କ ସୁରକ୍ଷାକୁ ନେଇ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରୋଗ୍ରାମ ଅଧିକାରୀ ନଳିନୀକାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଶିକ୍ଷଣ ନେଇଥିବା ସମସ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରମୋଦ ମେହେର, ଖୁସିରାମ କଠାର, ଧ୍ରୁବଚରଣ ବାରିକ, କମଳ ମେହେର, ଧନେଶ୍ୱର ଥନାପତି, ଶଙ୍କର ପଧାନ, କିଶୋର ମେହେର, ସରୋଜ ସାମଲ, ସନ୍ତୋଷ ଝାଙ୍କର ପ୍ରମୁଖ ସହଯୋଗ କରିଥିଲେ।

# ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ




ଦେଓଗାଁ,୨୭।୨(ସମିସ): ସାଲେପାଲି ଗ୍ରାମ ମଙ୍ଗଳ ପାଠାଗାର ଦ୍ୱାରା ପରିଚାଳିତ ବାର୍ଦ୍ଧକ୍ୟ ଆବାସଠାରେ ହେଲ୍ପେଜ ଇଣ୍ଡିଆ ଭୁବନେଶ୍ୱର ଶାଖା ତରଫରୁ ବୟୋଜ୍ୟେଷ୍ଠ ନାଗରିକ ଆବାସର ଅନ୍ତେବାସୀଙ୍କ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାର ରାଜ୍ୟ ସଂଯୋଜକ ଦେବଶ୍ରୀ ବ୍ରହ୍ମା, ପ୍ରକଳ୍ପ ପରିଚାଳକ ଅନୂସୁୟା ଦାଶ ପ୍ରମୁଖ ଯୋଗଦେଇ ଅନ୍ତେବାସୀଙ୍କ ସହ ଆଲୋଚନା କରି ସ୍ଥିତି ପରଖିଥିଲେ। ଶାରୀରିକ ତଥା ମାନସିକ ସ୍ତରରେ କୌଣସି ସମସ୍ୟା ଦେଖାଦେଲେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାପାଇଁ ପରାମର୍ଶ ଦେଇଥିଲେ। ଶିବପ୍ରସାଦ ସାହୁ ସଂଯୋଜନା କରିଥିବା ବେଳେ ଅଧିକ୍ଷକ ରମାକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଚତୁର୍ଭୁଜ ଭୋଇ, ସଞ୍ଜୁ ବିଶ୍ୱାଳ, କାହ୍ନୁ ଷଡଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ।

# ସ୍ୱପ୍ନେଶ୍ୱର ମନ୍ଦିର ରତ୍ନମୁଦ ଉତ୍ସବ

ଦେଓଗାଁ,୨୭।୨(ସମିସ): ବଡ଼ବନ୍ଧରେ ସ୍ୱପ୍ନେଶ୍ୱର ବାବାଙ୍କ ମନ୍ଦିର ପୁନଃ ନିର୍ମାଣ ପରେ ଶୁକ୍ରବାର ମହାସମାରୋହରେ ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସକାଳୁ ରୀତିନୀତି ଅନୁସାରେ ମନ୍ଦିରରେ ପୂଜାର୍ଚ୍ଚନା ପରେ ରତ୍ନମୁଦ କରାଯାଇଥିଲା। କର୍ତ୍ତା ଭାବେ ସୁଶୀଲ ଚାନ୍ଦ ଓ ତାଙ୍କ ପତ୍ନୀ ରଶ୍ମିତା ଚାନ୍ଦ ଦାୟିତ୍ୱ ତୁଲାଇଥଲେ। ପୂଜକ ଭାବେ ସୁଦର୍ଶନ ପୁରୋହିତ ଯୋଗ ଦେଇଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ବ୍ଲକ ବିଜେଡି ସଭାପତି ଅଚ୍ୟୁତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ମାର୍ଚ୍ଚ ୧୮ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଉପଲକ୍ଷେ ୫୬ ପ୍ରହର ନାମଯଜ୍ଞ, ତୁଳସୀ ରାମାୟଣ ପାରାୟଣ, ନବାହ୍ନ ପାରାୟଣ, ବିଶ୍ୱଶାନ୍ତି ଯଜ୍ଞ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।



# ଘର ଭାଙ୍ଗିଦେଲା ହାତୀ



ବେଲପଡା,୨୭ ।୨(ସମିସ): ବଲାଙ୍ଗୀର ଜିଲ୍ଲା ଲାଠୋର ରେଞ୍ଜ ବେଲପଡା ବ୍ଲକର ପଣକିମାଲରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ବିଳମ୍ବିତ ରାତିରେ ଗୋଟିଏ ହାତୀ ଗାଁ ଭିତରେ ପଶି ତେଜରାଜ ମଲ୍ଲିକ ଏବଂ ସସେଇ ଭୋଇଙ୍କ ଘର ଭାଙ୍ଗି ଦେଇଛି। ଧାନଚାଉଳ ଖାଇଦେବା ସହ ପନିପରିବା ଉଜାଡି ଦେଇଛି। ସ୍ଥାନୀୟ ଅଞ୍ଚଳରେ ଦୀର୍ଘ ଦିନରୁ ହାତୀ ଉତ୍ପାତ କରୁଥିଲେ ହିଁ ଘଉଡ଼ାଇବାକୁ ଜଙ୍ଗଲ ବିଭାଗ ଫେଲ୍ ମାରିଛି। ଏହାଫଳରେ ବାରମ୍ବାର ଗାଁ ଭିତରକୁ ହାତୀ ପଶୁଛି। ତେବେ ଏ ନେଇ ଦାୟିତ୍ୱରେ ଥିବା ଫରେଷ୍ଟର ଶ୍ରୀକାନ୍ତ ସାହୁ, ଶିବା ଯୋଶୀଙ୍କୁ ପଚାରିବାରୁ ଆମେ ତଦନ୍ତ କରୁଛୁ। କ୍ଷୟକ୍ଷତି ଆକଳନ ପରେ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ମନ୍ତ୍ରୀଙ୍କ ସହ ସ୍ମାଇଲ ଫର ଅଲ୍ ଫାଉଣ୍ଡେସନର ଆଲୋଚନା



ବଲାଙ୍ଗିର,୨୭ ।୨(ସମିସ): ପଞ୍ଚାୟତରାଜ ଏବଂ ଗ୍ରାମ୍ୟ ଜଳ ଯୋଗାଣ ମନ୍ତ୍ରୀ ରବି ନାଏକଙ୍କୁ ବଲାଙ୍ଗିର ସର୍କିଟ ହାଉସଠାରେ ସ୍ମାଇଲ ଫର ଅଲ୍ ଫାଉଣ୍ଡେସନର କର୍ମକର୍ତ୍ତା ସାକ୍ଷାତ କରିଛନ୍ତି। ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜରେ ଆହାର କେନ୍ଦ୍ର ଆରମ୍ଭ ନ ହେବା ନେଇ ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ସଭାପତି ସମସନ ନିସାନ, ସଂପାଦକ ସଞ୍ଜିବ ସାହୁ , କୋଷାଧ୍ୟକ୍ଷ ଜୟକୃଷ୍ଣ ମିଶ୍ର, ବିଶ୍ୱଜିତ ନାଏକ, ପୁରୁଷୋତ୍ତମ ସାହୁ, ପ୍ରଶାନ୍ତ ନାୟକ, ଶୁଭ୍ରାଂଶୁ ପଟେଲ ଓ ସୁରେଶ ବାଗ ପ୍ରମୁଖ ମନ୍ତ୍ରୀଙ୍କୁ ଭେଟିଥିଲେ।

# ମଦ ପିଇ ପିଟିଲେ ସିଆର୍‌ସିସି; ପ୍ରତିବାଦରେ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ



ବଲାଙ୍ଗିର,୨୭ ।୨(ସମିସ): ବଲାଙ୍ଗିର ଜିଲ୍ଲା ପୁଇଁନ୍ତଳା ବ୍ଲକ୍ କାଲିଭନା ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ତଥା କୁଟେନପାଲି କ୍ଲଷ୍ଟର ସିଆରସିସି ତରଣୀ ସେନ ଧରୁଆଙ୍କ କାର୍ଯ୍ୟକଳାପକୁ ନେଇ ବିବାଦ ଦେଖା ଦେଇଛି। ପ୍ରଧାନ ଶିକ୍ଷକ ଓ ଅନ୍ୟ ଜଣେ ଶିକ୍ଷକ ଛୁଟିରେ ଥିବାବେଳେ ସେ ସ୍କୁଲକୁ ଆସିଥିଲେ। ଏହି ସମୟରେ ସାଙ୍ଗରେ ଆଣିଥିବା ମଦ ପିଇଥିଲେ। ଛାତ୍ରଛାତ୍ରୀ ବିରୋଧ କରିବାରୁ ସେ ମାଡ଼ ମାରିଥିଲେ। ଏହାପରେ ପିଲାଙ୍କୁ ବାହାର କରିଦେଇ ସ୍କୁଲ ବନ୍ଦ କରି ପଳାଇଥିଲେ। ତାଙ୍କ ସହ ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ମଧ୍ୟ ଥିଲେ ବୋଲି ଅଭିଯୋଗ। ଏହି ଘଟଣାକୁ ବିରୋଧ କରି ଛାତ୍ରଛାତ୍ରୀ, ଅଭିଭାବକ ଓ ଗାଁ ଲୋକ ସ୍କୁଲରେ ତାଲା ପାକଇ ଧାରଣା ଦେଇଥିଲେ। ସମ୍ପୃକ୍ତ ସିଆରସିସିଙ୍କ ବିରୋଧରେ ସେମାନେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ସେ କିନ୍ତୁ ଏହି ଘଟଣାକୁ ଅତି ହାଲୁକାରେ ନେଇଛନ୍ତି ବୋଲି ଉତ୍ତ୍ୟକ୍ତ ଅଭିଭାବକ ଏବଂ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ୨୭୮ ସ୍କୁଲର ମଧ୍ୟାହ୍ନ ଭୋଜନ ପାଇଁ ଚୁଲି ଭରସା

ବଲାଙ୍ଗିର,୨୭ ।୨(ସମିସ)

ରାଜ୍ୟରେ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ସରକାର ସମୟରେ ଅନେକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୂର୍ବରୁ ମଧ୍ୟାହ୍ନ ଭୋଜନ ଚୁଲିରେ କାଠ ଜାଳି ରନ୍ଧାଯାଉଥିଲା। ପରେ ଗ୍ୟାସ୍ ସଂଯୋଗ ପାଇଁ ରାଜ୍ୟ ସରକାର ପର୍ଯ୍ୟାୟକ୍ରମେ ସ୍ୱତନ୍ତ୍ର ଅନୁଦାନ ବ୍ୟବସ୍ଥା କରିଛନ୍ତି। ଏହିକ୍ରମରେ ବଲାଙ୍ଗିର ଜିଲ୍ଲାରେ ୨୨୧୯ ସ୍କୁଲରେ ଗ୍ୟାସ୍ ସଂଯୋଗ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି; କିନ୍ତୁ ଆଜି ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ସ୍କୁଲକୁ ଗ୍ୟାସ୍ ସଂଯୋଗ ହୋଇପାରିନି। ଆଜି ବି ଜିଲ୍ଲାର ପ୍ରାୟ ୨୭୮ ସ୍କୁଲରେ ମଧ୍ୟାହ୍ନ ଭୋଜନ ରୋଷେଇ କରିବା ପାଇଁ କାଠଚୁଲି ହିଁ ଭରସା ରହିଛି। ଏହାଦ୍ୱାରା ସ୍କୁଲ ପରିବେଶ ପ୍ରଦୂଷିତ ହେଉଛି। ଏହାଦ୍ୱାରା ଶିଶୁମାନଙ୍କ ସ୍ୱାସ୍ଥ୍ୟବସ୍ଥା କିଭଳି ଥିବ ତାହା ସହଜରେ ଅନୁମାନ କରାଯାଇପାରେ। ତେବେ କାହିଁକି ଏହି ସ୍କୁଲଗୁଡ଼ିକରେ ସଂଯୋଗ ହୋଇପାରିନାହିଁ ତାହା ଏବେ ସବୁଠାରୁ ବଡ ପ୍ରଶ୍ନ।

ବଲାଙ୍ଗିର ଜିଲ୍ଲାରେ ଆଜି ବି ଏମିତି ଅନେକ ସ୍କୁଲ ରହିଛି ଯେଉଁଠାରେ ମଧ୍ୟାହ୍ନ ଭୋଜନ ରୋଷେଇ କରିବା ପାଇଁ ପ୍ରଧାନ ଶିକ୍ଷକଙ୍କୁ ସକାଳ ହେଲେ କାଠ ଖୋଜିବାକୁ ପଡୁଛି। କାଠ ଜାଳି ମହିଳାମାନେ ଶିଶୁମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରୁଛନ୍ତି। ଏହାଦ୍ୱାରା ସ୍କୁଲ ପରିବେଶ ଧୂଆଁମୟ ହେବା ସହ ଶିଶୁମାନଙ୍କ ସ୍ୱାସ୍ଥ୍ୟବସ୍ଥା ପ୍ରତି ବିପଦ ରହିଛି। ଏହି ସମସ୍ୟାର ସମାଧାନ ପାଇଁ କିଛି ବର୍ଷ ପୂର୍ବରୁ ରାଜ୍ୟ ସରକାର



ସ୍କୁଲଗୁଡ଼ିକରେ ମଧ୍ୟାହ୍ନ ଭୋଜନ ରୋଷେଇ କରିବା ପାଇଁ ଗ୍ୟାସ୍ ସଂଯୋଗ ପାଇଁ ଅନୁଦାନ ପ୍ରଦାନ କରିଥିଲେ। ଏହିକ୍ରମରେ ବଲାଙ୍ଗିର ଜିଲ୍ଲାରେ ୨୨୧୯ ସ୍କୁଲରୁ ବର୍ତ୍ତମାନ ସୁଦ୍ଧା ୧୯୪୧ ସ୍କୁଲକୁ ଏହି ସଂଯୋଗ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ସ୍କୁଲ ପ୍ରତି ୬୬୯୦ ଟଙ୍କା ହିସାବରେ ୬୦୫ ଓ ୧୪ ଆଦର୍ଶ ବିଦ୍ୟାଳୟକୁ ଦିଆଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ସେହି ଦରରେ ୩୫୮ ସ୍କୁଲ, ତୃତୀୟ ପର୍ଯ୍ୟାୟରେ ୭୫୦୦ ଟଙ୍କା ହିସାବରେ ୭୭୨ ସ୍କୁଲକୁ ଦିଆଯାଇଛି। ଚତୁର୍ଥ ପର୍ଯ୍ୟାୟରେ ୭୫୦୦ ଟଙ୍କା ହିସାବରେ ୧୯୨ ସ୍କୁଲକୁ ଗ୍ୟାସ୍ ସଂଯୋଗ ପାଇଁ ଅନୁଦାନ ଦିଆଯାଇଛି। ତେବେ ଜିଲ୍ଲାରେ ୨୭୮ ସ୍କୁଲ ଏବେ ବି ଗ୍ୟାସ ସଂଯୋଗରୁ ବଞ୍ଚିତ ରହିଛନ୍ତି। ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗଙ୍କ କହିବା ଅନୁସାରେ ଯେତେ ସ୍କୁଲ ପାଇଁ ମଞ୍ଜୁର ହୋଇଥିଲା ସମସ୍ତଙ୍କୁ ପର୍ଯ୍ୟାୟକ୍ରମେ ଦିଆଯାଇଛି। ଗ୍ୟାସ ସଂଯୋଗ ପାଇଁ ଏକ ଗାଇଡ୍ ଲାଇନ୍ ରହିଛି। ନିର୍ଦ୍ଦିଷ୍ଟ ସଂଖ୍ୟାର ଛାତ୍ରଛାତ୍ରୀ ଥିଲେ ହିଁ ଏହି ସଂଯୋଗ ପ୍ରଦାନ କରାଯାଉଛି। ବାକି ରହିଥିବା ୨୭୮ ସ୍କୁଲ ପାଇଁ କୌଣସି ମଞ୍ଜୁରି କିମ୍ବା ଅନୁଦାନ ଆସିନି। ଯଦି ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଏହି ବ୍ୟବସ୍ଥା କରାଯାଇଥିଲା ତେବେ କାହିଁକି ବନ୍ଦ କରିଦିଆଗଲା। ପ୍ରଦୂଷଣକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଘରେ ଘରେ ଗ୍ୟାସ ପହଞ୍ଚାଇବା ପାଇଁ ଉଜ୍ଜଳା ଯୋଜନା ଆରମ୍ଭ କରିଥଲେ। ଜିଲ୍ଲାର ଶତ ପ୍ରତିଶତ ସ୍କୁଲରେ କାହିଁକି ଗ୍ୟାସ ସଂଯୋଗ ଦିଆଯାଇପାରିଲା ନାହିଁ ବୋଲି ଲୋକେ ପ୍ରଶ୍ନ କରିଛନ୍ତି।

### ବରିଷ୍ଠ ନାଗରିକଙ୍କ ପାଇଁ ସଚେତନତା ଶିବିର

# ଡିଜିଟାଲ୍ ଠକାମି ପ୍ରତି ସତର୍କ ରହିବାକୁ ଜିଲ୍ଲାପାଳଙ୍କ ପରାମର୍ଶ

ତରଭା,୨୭ ।୨(ସମିସ)




ସୋନପୁର ସଂସ୍କୃତି ଭବନଠାରେ ଜିଲ୍ଲା ପ୍ରଶାସନ ସୁବର୍ଣ୍ଣପୁର ପକ୍ଷରୁ ବରିଷ୍ଠ ନାଗରିକଙ୍କ ପାଇଁ ଏକ ବ୍ୟାପକ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ବରିଷ୍ଠ ନାଗରିକଙ୍କ ସୁରକ୍ଷା, ସ୍ୱାସ୍ଥ୍ୟସେବା, ସରକାରୀ ଯୋଜନା, ଡିଜିଟାଲ୍ ସୁରକ୍ଷା ଓ ଅଧିକାର ସମ୍ପର୍କରେ ସଚେତନ କରାଯାଇଛି। ସୁବର୍ଣ୍ଣପୁର ଜିଲ୍ଲାପାଳ ଡକ୍ଟର ନୃପରାଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡିଜିଟାଲ୍ ଠକାମି ପ୍ରତି ସଦା ସତର୍କ ରହିବାକୁ ବରିଷ୍ଠ ନାଗରିକମାନଙ୍କୁ ସଚେତନ କରିଥିଲେ। ଅଜଣା ଫୋନ୍ କଲ୍, ଲିଙ୍କ୍ ଓ ସନ୍ଦେଶ ମାଧ୍ୟମରେ ଠକେଇ ହେବାରୁ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଲିନା ପ୍ରଧାନ, ଉପଜିଲ୍ଲାପାଳ ଡକ୍ଟର ସୌମ୍ୟରୂପା ରଥ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ଉଷାରାଣୀ ଦାସ, ଜିଲ୍ଲା ବରିଷ୍ଠ ନାଗରିକ କମିଟିର ସଦସ୍ୟ ଡକ୍ଟର ପ୍ରଫୁଲ୍ଲ ରଥ ଓ ବରିଷ୍ଠ ନାଗରିକ ସଂଘର ସଭାପତି ଡକ୍ଟର ଜ୍ୟୋତିରଞ୍ଜନ ବହିଦାର ଉପସ୍ଥିତ ଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ। ଡିଏସପି ଚନ୍ଦ୍ରଶେଖର ଶବର ଓ ଡିଏଜିଏମ୍ ଗୁପ୍ତେଶ୍ୱର ରଣା ଡିଜିଟାଲ୍ ସାକ୍ଷରତା ବିଷୟରେ ଆଲୋଚନା କରିଥିଲେ। ଏଲ୍‌ଡିଏମ୍ କାର୍ତ୍ତିକେଶ୍ୱର ପଣ୍ଡା ଆର୍ଥିକ ସାକ୍ଷରତା ବିଷୟରେ ସଚେତନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଗୋରେଖ ନାଥ ସାହୁ, ମାଙ୍ଗେଲାଲ ଅଗ୍ରୱାଲ, ରମାନରାୟଣ ସାହୁ ଓ ଶ୍ରୀଧର ବାଗ ଯୋଗ ଦେଇଥିଲେ। ଏହି ଅବସରରେ ଯୋଗ ଶିବିର ଓ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଯୋଗ ଶିକ୍ଷକ ମନୋଜ ପଣ୍ଡା ଯୋଗାଭ୍ୟାସ କରାଇଥିଲେ। ସ୍ୱାସ୍ଥ୍ୟ ଶିବିରରେ ସୋନପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଆଦିତ୍ୟ, ଫାର୍ମାସିଷ୍ଟ ଶୁଭମ ପ୍ରୀତମ ଦନ୍ତା, ଏଲଟି ତୁଷାର ସାହୁ ଓ ସହଯୋଗୀ ଅଜିତ ମେହେର ୬୫ ଜଣ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବିତରଣ କରିଥିଲେ। ତରଭା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କର୍ଣ୍ଣ ସଭା ସଂଯୋଜନା କରିଥିଲେ। ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରର ଦୁର୍ଗାପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଯୁଧିଷ୍ଠିର ଭୋଇ ଓ ଆଞ୍ଜୁଲତା ମିଶ୍ର, ହେମନ୍ତ ମହାନ୍ତି, ଆଶିଷ ମିଶ୍ର, ଚମ୍ପକ ଲତା ଗୁରାଣ୍ଡି, ସ୍ୱାଗତିକା ବଗର୍ତ୍ତି, ଦୀପାଞ୍ଜଳି କୁଅଁର, ବିଷ୍ଣୁପ୍ରିୟା ସେଠି, ଜିଲ୍ଲା ଭିନ୍ନକ୍ଷେମ ପୁନର୍ବାସ କେନ୍ଦ୍ରର ଜନ୍ମଜୟ ମହାକୁର, ଉମାକାନ୍ତ ହୋତା, ସମୀକ୍ଷା ପୁରୋହିତ, ସୋନିଆ ବରିହା, ରାକେଶ ମିଶ୍ର ଓ ଗୁପ୍ତେଶ୍ୱର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ହରଭଙ୍ଗା ତହସିଲ ଅଧୀନରେ ସବୁ ଇଟା କାରଖାନା ବେଆଇନ

ବୌଦ୍ଧ,୨୭ ।୨(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ତହସିଲ ଅଧୀନରେ କୌଣସି ଲାଲ ଇଟ୍ କିମ୍ବା ଫ୍ଲାଇଆସ୍ ଇଟ୍ ଉତ୍ପାଦନ କାରଖାନା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦର ଅନୁମତି ନେଇ ନାହାନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଶାଖା ଏହା ସ୍ପଷ୍ଟ କରିଛି। ସୂଚନା ଅଧିକାର ଆଇନ ବଳରେ ଏହି ତଥ୍ୟ ମିଳିଛି। ହରଭଙ୍ଗା ତହସିଲ ଅଞ୍ଚଳରେ ଯଦି କୌଣସି ଇଟା କାରଖାନା ଚାଲୁଥାଏ ତେବେ ସେଗୁଡ଼ିକ ବିନା ଅନୁମତିରେ ଚାଲୁଥିବା କୁହାଯାଇଛି। ଅନ୍ୟପଟେ ହରଭଙ୍ଗା ତହସିଲର ବାଘଛେପରା ଜଙ୍ଗଲ ମଧ୍ୟରେ ଥିବା ଏକ ଇଟା କାରଖାନା ଜଙ୍ଗଲ ଜମି ଉପରେ ମାଡି ବସିଥିବା ନେଇ ସାଧାରଣରେ ଅଭିଯୋଗ ଆସୁଛି। ତହସିଲ ନାକ ତଳେ ଏଭଳି କାର୍ଯ୍ୟ ଚାଲୁଥିଲେ ମଧ୍ୟ କିପରି ପ୍ରଶାସନ ଜାଣି ପାରୁନାହିଁ ସାଧାରଣରେ ତାହା ସବୁଠାରୁ ବଡ଼ ପ୍ରଶ୍ନ ଉଠୁଛି। କିଛି ଦିନ ତଳେ ଜିଲ୍ଲାପାଳ ବିଭୁତି ଭୂଷଣ ନାଏକ ସମସ୍ତ ବେଆଇନ ଇଟାଭାଟି ଉପରେ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଫଳ ଶୂନ।

## ବଲସିଙ୍ଗା ମହାନଦୀ କୂଳରେ ୧୩ ହାତୀ

ବୌଦ୍ଧ,୨୭ ।୨(ସମିସ): ବୌଦ୍ଧ ସହର ନିକଟବର୍ତ୍ତୀ ବଲାସିଙ୍ଗା ଗ୍ରାମର ମହାନଦୀ କୂଳରେ ୧୩ଟି ହାତୀ ରହିଛନ୍ତି। ସେମାନଙ୍କୁ ଘଡାଇବା ପାଇଁ ବୌଦ୍ଧ ରେଞ୍ଜର ଅର୍ଚ୍ଚନା ଗମାଙ୍ଗୋ ଟିମ୍ ସହ ପହଞ୍ଚିଛନ୍ତି। ମହାନଦୀର ଅପର ପାଶ୍ୱର୍ ଜଙ୍ଗଲରୁ ରାତିରେ ଏହି ହାତୀ ପଲ ଆସି ବଲାସିଙ୍ଗା ମହାନଦୀ କୂଳର ଜଙ୍ଗଲ ପରିବେଶରେ ଅଟକି ରହିଛନ୍ତି। ନିକଟବର୍ତ୍ତୀ ଅଞ୍ଚଳରେ ଚାଷୀଙ୍କ ଦ୍ୱାରା କରା ଯାଇଥିବା ପରିବା ଓ ଅନ୍ୟ ଫସଲ ନଷ୍ଟ କରିଛନ୍ତି। ହାତୀପଲକୁ ଘଉଡାଇବା ପାଇଁ ବନ ବିଭାଗ ନାକେଦମ ହୋଇଛି।

## ବ୍ୟୁଟିପାର୍ଲରରେ ଅଗ୍ନିକାଣ୍ଡ

ବୌଦ୍ଧ,୨୭ ।୨(ସମିସ): ବୌଦ୍ଧ ସହର ଖଲିଆ ବଗିଚାଠାରେ ଥିବା ରୁପଶକ୍ତି ବ୍ୟୁଟି ପାର୍ଲରରେ ବିଦ୍ୟୁତ୍ ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟି ସମସ୍ତ ସାମଗ୍ରୀ ଭସ୍ମୀଭୂତ ହୋଇଯାଇଛି। ବ୍ୟୁଟିପାର୍ଲର ବନ୍ଦ ଥିବା ବେଳେ ସେଥି ମଧ୍ୟରୁ ଧୂଆଁ ବାହାରୁଥଲା। ଏହା ଦେଖି ଲୋକେ ମାଲିକ ରୁପେଶ ଦାଶ ଓ ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ତୁରନ୍ତ ବୌଦ୍ଧ ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇ ଥିଲେ ମଧ୍ୟ ଭିତରେ ଥିବା ୫ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ସମସ୍ତ ଆସବାବ ପତ୍ର, ବୈଦ୍ୟୁତିକ ସାମଗ୍ରୀ ଓ ମେକ୍‌ଅପ୍ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି।

## ଚମ୍ପାମାଲ ଚମ୍ପେଶ୍ୱର ବାବାଙ୍କ ପଞ୍ଚଦୋଳ ମହୋତ୍ସବ ପ୍ରସ୍ତୁତି

ବୀରମହାରାଜପୁର,୨୭ ।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଚମ୍ପାମାଲସ୍ଥିତ ପ୍ରସିଦ୍ଧ ଶୈବ ପୀଠ ଚମ୍ପେଶ୍ୱର ମନ୍ଦିରରେ ପଞ୍ଚଦୋଳ ମହୋତ୍ସବ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

ଚମ୍ପାମାଲ ପଞ୍ଚଦୋଳ ମହୋତ୍ସବ କମିଟି ସଭାପତି କିଶୋର ହୋତା ଏହି ସୂଚନା ପ୍ରଦାନ କରିଛନ୍ତି। ପଞ୍ଚଦୋଳ ପ୍ରଥମ ସନ୍ଧ୍ୟାରେ ବାବା ଚମ୍ପେଶ୍ୱର ଗମ୍ଭୀରାରୁ ବାହାରି ଦୋଳ ମଣ୍ଡପରେ ଦୋଳିବା ସହିତ ଭକ୍ତଙ୍କୁ ଦର୍ଶନ ଦେବେ। ପ୍ରଥମ ସନ୍ଧ୍ୟାରେ ପାତଲୀ ଶ୍ରୀକ୍ଷେତ୍ର ଭଜନ କାର୍ଯ୍ୟକ୍ରମ, ଦ୍ୱିତୀୟ ସାନ୍ଧ୍ୟରେ ଡୁମୁରି ଏବଂ ପଣ୍ଡ୍ରି ମଧ୍ୟରେ ମହିଳା ବୈଠକି ଅନୁଷ୍ଠିତ ହେବ। ତୃତୀୟ ସନ୍ଧ୍ୟାରେ ଅନନ୍ତପାଲି ଏବଂ ଫୁଲଚରା ମଧ୍ୟରେ କୀର୍ତ୍ତନ ବୈଠକି, ଚତୁର୍ଥ ସନ୍ଧ୍ୟାରେ ଶ୍ୱତୋରୁନା ଏବଂ ରୁପେଶ କମେଡି ସୋ ପ୍ରଦର୍ଶନ ହେବ ବୋଲି ଜଣାପଡ଼ିଛି। ବଲାଙ୍ଗୀର ରୁଗୁଡ଼ିଖାଲର ଖୁସୁବୁ ଦଣ୍ଡନୃତ୍ୟ ସପୁର ନାଗ ଏବଂ ସାଥିଙ୍କ ଦ୍ୱାରା ପରିବେଷଣ ହେବ। ପୂର୍ଣ୍ଣିମା ଦିନ ରାତି ୧୧ଟା ସମୟରେ ଚମ୍ପେଶ୍ୱର ବାବା ମନ୍ଦିରରୁ ବାହାରି ନଗର ପରିକ୍ରମା କରିବା ସହିତ ହରିହର ଭେଟ ପାଇଁ ବୀରମହାରାଜପୁର ମେଳଣ ପଡିଆ ଅଭିମୁଖେ ଯାତ୍ରା କରିବେ।

## ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ କଳସ ଶୋଭାଯାତ୍ରା

ବୌଦ୍ଧ,୨୭ ।୨(ସମିସ): ବୌଦ୍ଧ ସହର ନିକଟରେ ଅବସ୍ଥିତ ପଲାସ ଗାମରେ ବିରାଜିତ ବାବା ଶ୍ରୀ ଧବଳେଶ୍ୱରଙ୍କ ମନ୍ଦିର ପରିସରରେ ବିଭିନ୍ନ ଦେବାଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୬ ଦିନ ବ୍ୟାପୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ବୌଦ୍ଧ ସହର ମହାନଦୀର ହନୁମାନ ମନ୍ଦିର ଘାଟଠାରୁ ଏକ ବିଶାଳ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପଲାସ ତଥା ଆଖପାଖ ଅଞ୍ଚଳର ମହିଳାମାନେ ୩୦୮ କଳସ ମୁଣ୍ଡରେ ବୋହି ଧବଳେଶ୍ୱର ମନ୍ଦିର ମଣ୍ଡପରେ ସ୍ଥାପନ କରିଥିଲେ।

ମନ୍ଦିର ପରିସରରେ ହନୁମାନ, ଦୁର୍ଗା, ନବଗ୍ରହ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି । ସେହିଭଳି ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ରାମଗଡ଼ ପଞ୍ଚାୟତ ପଲସାପାଟ ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀ ରାମଗଡ଼ ଶିବ ମନ୍ଦିର ନିକଟ ମହାନଦୀ ଘାଟକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ମଶାଲ ପ୍ରଜ୍ୱଳନ କରାଯାଇଥିଲା। ପୂଜକ ଉମେଶ ଯୋଶୀ ପୂଜାର୍ଚ୍ଚନା କରି ଗଙ୍ଗା ମାତାଙ୍କ ଆବହନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରବୀନ୍ଦ୍ର ପାତ୍ର ଓ ତାଙ୍କ ପତ୍ନୀ ଅମ୍ବିକା ପାତ୍ର କର୍ତ୍ତା ଭାବେ ଭୂମିକା ନିର୍ବାହ କରୁଛନ୍ତି। ୨ ତାରିଖ ଦିନ ନାମଯଜ୍ଞର ପୂର୍ଣ୍ଣାହୁତି ଓ ଦଧି ହାଣ୍ଡି ଭଞ୍ଜନ ସହ ସଂକୀର୍ତ୍ତନ ବୈଠକି ଆୟୋଜିତ ହେବ।

## ଶିଶୁ ଚାଲାଣ ନିରୋଧ ସଚେତନତା କାର୍ଯ୍ୟକ୍ରମ




ବୌଦ୍ଧ,୨୭ ।୨(ସମିସ): ବିଶ୍ୱ ଯୁବ କେନ୍ଦ୍ର ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ ଓ ବୌଦ୍ଧ ରେଲୱେର ମିଳିତ ଉଦ୍ୟମରେ ବୌଦ୍ଧ ରେଳ ଷ୍ଟେସନରେ ଶିଶୁ ଚାଲାଣ ନିରୋଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁ ଚାଲାଣ ରୋକିବା ପାଇଁ କି କି ପଦକ୍ଷେପ ନିଆଯାଇ ପାରିବ ସେ ବିଷୟରେ ଟ୍ରେନ ଯାତ୍ରୀଙ୍କୁ ସଚେତନ କରାଯାଇଥିଲା। ଶିଶୁ ଚାଲାଣ ସମ୍ବନ୍ଧୀୟ ଖବର ପାଇଲେ କିମ୍ବା ଟ୍ରେନ ଯାତ୍ରା ସମୟରେ ଦେଖିଲେ ତୁରନ୍ତ ଶିଶୁ ସହାୟତା ନମ୍ବର-୧୦୯୮ ଓ ରେଳ ମଦଦ ନମ୍ବର ୧୩୯ ରେ ଜଣାଇବା ନିମନ୍ତେ ଅବଗତ କରାଯାଇଥିଲା। ବିଭିନ୍ନ ଟ୍ରେନର ଜେନେରାଲ କୋଚ ଯାଞ୍ଚ କରାଯାଇ ଶିଶୁ ଚାଲାଣ ପାଇ ପଦକ୍ଷେପ ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବୌଦ୍ଧ ଓ ବଲାଙ୍ଗୀର ରେଳ ସୁରକ୍ଷା ବଳ ତରଫରୁ କୁନା ବାରିକ ଏବଂ ସୀମାଞ୍ଚଳ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ବିଶ୍ୱ ଯୁବ କେନ୍ଦ୍ରର ପ୍ରକଳ୍ପ ସଂଯୋଜକ ଅମୂଲ୍ୟ ପାଇଟଲଙ୍କ ନେତୃତ୍ୱରେ ପ୍ରକଳ୍ପ ସହାୟକ ଶ୍ୱେତା ପଟ୍ଟନାୟକ, ସ୍ମିତା ପଟ୍ଟନାୟକ, ପୁନିଆ ସାହୁ ଓ ବନିତା ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ଆଲୋଚନାଚକ୍ର



ବୌଦ୍ଧ,୨୭ ।୨(ସମିସ): ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଇଂରାଜୀ ବିଭାଗ ତରଫରୁ ଜିଲ୍ଲାସ୍ତରୀୟ ଆନ୍ତଃ ମହାବିଦ୍ୟାଳୟ ଇଂରାଜୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଇଂରାଜୀ ବିଭାଗ ମୁଖ୍ୟ ଭାଗ୍ୟବାନ ମହାକୁଡଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ପ୍ରଫେସର ନିରଞ୍ଜନ ମିଶ୍ର ଯୋଗ ଦେଇଥିଲେ। ଡକ୍ଟର ପ୍ରଭାସ ଚନ୍ଦ୍ର ମିଶ୍ର, ପ୍ରଣତି ମିଶ୍ର, ଡକ୍ଟର (ଇଂ) ସଞ୍ଜୟ ପଣ୍ଡା, ଡକ୍ଟର ପ୍ରମୋଦ ମହାପାତ୍ର ଯୋଗଦେଇ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ଲକ୍ଷ୍ମଣ ମେହେର ଓ ଅଧ୍ୟାପିକା କଲ୍ୟାଣୀ ଦେବୀ ସୁନାନୀ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ସ୍ମୃତିରାଣୀ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁଦସାହିରେ ଅଷ୍ଟପ୍ରହର ନାମଯଜ୍ଞ

ବୌଦ୍ଧ,୨୭ ।୨(ସମିସ): ବୌଦ୍ଧ ସହରର ସୁଦସାହି ଭଗବତ ମନ୍ଦିରଠାରେ ଅଷ୍ଟପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସକାଳୁ କୁଲିପଡା ଘାଟରୁ ମହାନଦୀର ଜଳ ଆଣି କଳସ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ଏହାପରେ ପୂଜାର୍ଚ୍ଚନା କରାଯାଇ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ଏଥିରେ କର୍ତ୍ତା ଭାବେ ମନୋଜ ମହାରଣା ଓ ତାଙ୍କ ପତ୍ନୀ ଅମିତା ମହାରଣା ପୂଜାରେ ବସିଥିଲେ। ବବୁଲୁ ପାଢୀ ପୂଜା କାର୍ଯ୍ୟ ତୁଲାଇଥିଲେ। ଏହି ନାମଯଜ୍ଞରେ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ସନ୍ତୋଷ ମହାକୁଡ, ଭୁବୁନ ମେହେର, ସନ୍ତୋଷ ବେରିହା, ଅନିତା ମହାକୁଡ ଓ ରାଜଲକ୍ଷ୍ମୀ ଦେହୁରୀ ସହଯୋଗ କରିଥିଲେ।



### ୱାରେଣ୍ଟି ଧରିବାକୁ ଆସି ଛତିଶଗଡ଼ ପୁଲିସ ଲହୁଲୁହାଣ ହେବା ଘଟଣା

## ବାପ-ପୁଅ ସମେତ ୧୮ ଜଣଙ୍କ ନାଁରେ ମାମଲା

ବୌଦ୍ଧ,୨୭ ।୨(ସମିସ): ତିଲେଇମାଲ ଗ୍ରାମର ବିନୋଦ ଓରଫ ଉମେଶ ରଣାକୁ ଏକ ଗଞ୍ଜେଇ ମାମଲାରେ ଧରିବାକୁ ଆସି ଛତିଶଗଡ଼ ପୁଲିସ ଆକ୍ରମଣର ଶିକାର ହୋଇଛି। ଏହି ଘଟଣାରେ କଣ୍ଟାମାଳ ଥାନାରେ ଅଭିଯୁକ୍ତ ଉମେଶ, ତା' ବାପା କେଶବ ରଣା ସମେତ ୧୮ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ପୁଲିସ ତାକୁ ଧରିବା ପାଇଁ ତାଙ୍କ ଘର ଭିତରକୁ ପଶିବା ବେଳେ ପରିବାର ଓ ସମର୍ଥକ ବାରଣ କରିଥିଲେ। ପୁଲିସକୁ ଅଭିଯୁକ୍ତର ବାପା କେଶବ ଓ ସମର୍ଥକମାନେ ମାଡ଼ମାରି ଲହୁ ଲୁହାଣ କରିବା ସହ ଗାଡ଼ି ଭାଙ୍ଗି ଦେଇଥିଲେ। ଅନ୍ୟପକ୍ଷରେ ପୁଲିସ ମାଡ଼ରେ କେଶବଙ୍କ ଗୋଡ଼ ଭାଙ୍ଗିଥିଲା। ସେ ଏବେ କଣ୍ଟାମାଳ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏହି ସମୟରେ ଅଭିଯୁକ୍ତ ବିନୋଦ ଖସିଯିବାକୁ ସକ୍ଷମ ହୋଇଥିଲା। ଛତିଶଗଡ଼ ପୁଲିସର ଅଭିଯୋଗକୁ ଭିତ୍ତିକରି କଣ୍ଟାମାଳ ଥାନାରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି କଣ୍ଟାମାଳ ଥାନା ଅଧିକାରୀ ବାସୁଦେବ ଭୋଇ ସୂଚନା ଦେଇଛନ୍ତି।

## ସାମ୍ବାଦିକ ସମ୍ମିଳନୀ ଡାକି ଅଡୁଆରେ ପଡିଲେ ମନ୍ତ୍ରୀ



ବିନିକା,୨୭ ।୨(ସମିସ): ବିନିକାସ୍ଥିତ ଏକ ହୋଟେଲରେ ଗ୍ରାମ୍ୟ ଉନ୍ନୟନ ତଥା ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାୟକ ସାମ୍ବାଦିକ ସମ୍ମିଳନୀରେ ଝାଳନାଳ ହୋଇଛନ୍ତି। ମହାନଦୀରେ ଦିନକୁ ଦିନ ପାଣି କମି ଯାଉଛି। ଆଗକୁ ଏହି ସମସ୍ୟା ଆହୁରି ଗୁରୁତର ଗୁରୁତର ହେବ। ତେଣୁ ଭବିଷ୍ୟତକୁ ଆଖିରେ ରଖି ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ବିନିକା ସାମ୍ବାଦିକ ସଂଘ ସଭାପତି ସୃଜନ ପଣ୍ଡା ପ୍ରଶ୍ନ କରିଥିଲେ। ଅଚାନକ ଏଭଳି ପ୍ରଶ୍ନ ଆସିବ ବୋଲି ମନ୍ତ୍ରୀ ଭାବି ନ ଥିଲେ। ଏଣୁ ସେ ଅପ୍ରସ୍ତୁତ ହୋଇ ପଡିଥିଲେ। ଯଦିଓ ଉତ୍ତର ରଖିଥିଲେ ତାହା କିନ୍ତୁ ସନ୍ତୋଷଜନକ ନ ଥିଲା। ସେହିଭଳି ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ ପଣ୍ଡା ଚାଷୀ ସମସ୍ୟା ନେଇ ମନ୍ତ୍ରୀ ଶ୍ରୀ ନାୟକ ଅଡୁଆ ପ୍ରଶ୍ନ କରିଥିଲେ। ତେବେ ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପି ଜିଲ୍ଲା ପ୍ରଭାରୀ ସୁରେଶ୍ୱର ଶତପଥୀ, ଜିଲ୍ଲା ସଭାପତି ବେଣୁଧର ଦାସ, କୃଷକ ମୋର୍ଚ୍ଚା ସଭାପତି ଆଶୋକ ପୃଷ୍ଟି, ଜିଲ୍ଲା ସାଧାରଣ ସମ୍ପାଦକ ବିଶ୍ୱମ୍ବର ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ମହାକୁର, ଉଷା କୁମାରୀ, ଆଶୋକ ପୂଜାହାରୀ, ସାଂସଦ ପ୍ରତିନିଧି ସାନନ୍ଦ ମେହେର, ଭୁବନେଶ୍ୱର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବୌଦ୍ଧ ସମବାୟ କେନ୍ଦ୍ର ବ୍ୟାଙ୍କର ବାର୍ଷିକ ସାଧାରଣ ବୈଠକ

ବୌଦ୍ଧ,୨୭ ।୨(ସମିସ): ବୌଦ୍ଧ ସମବାୟ କେନ୍ଦ୍ର ବ୍ୟାଙ୍କର ୭୦ତମ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅରୁଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମବାୟ ସମିତି ସମୂହର ଉପ ନିବନ୍ଧକ ଫକିର ମୋହନ ବାଘ, ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ କାର୍ଯ୍ୟାଳୟର ସହକାରୀ ଉପ ନିବନ୍ଧକ ରଘୁନାଥ ପୁଜାରୀ, ଫୁଲବାଣୀ ସହକାରୀ ଅଡିଟ ଅଫିସର୍ ସୁମନ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ସ୍ମିତାସ୍ରୀ ସାହୁ ବ୍ୟାଙ୍କର ବାର୍ଷିକ ବିବରଣୀ ପଠନ କରିଥିଲେ। ବରିଷ୍ଠ ପ୍ରବନ୍ଧକ ଇନ୍ଦିରା ପ୍ରଧାନ ଗତ ବାର୍ଷିକ ସଭାର ବିବରଣୀ ପଠନ ସହ ଆଗାମୀ ୨୦୨୬-୨୭ ବର୍ଷର ବଜେଟ ଉପସ୍ଥାପନ କରିଥିଲେ। ବୈଠକରେ ବୌଦ୍ଧ ଓ କନ୍ଧମାଳ ଜିଲ୍ଲାର ବିଭିନ୍ନ ପ୍ରାଥମିକ ସମବାୟ ସମିତିର ପ୍ରତିନିଧି ଓ ବ୍ୟାଙ୍କ ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ଥିଲେ।

## ଆତ୍ମରକ୍ଷା ପ୍ରଶିକ୍ଷଣ ତାଲିମ ଶିବିର ଉଦ୍‌ଯାପିତ

ହରଭଙ୍ଗା,୨୭ ।୨(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ସରସରାସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟଠାରେ ବାଳିକାମାନଙ୍କ ନିମନ୍ତେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ରବୀନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଶିକ୍ଷିକା ସୁଶ୍ରୀ ସ୍ୱାଗତିକା ପ୍ରଧାନ ଯୋଗଦେଇ ଆତ୍ମରକ୍ଷାର ବିଭିନ୍ନ କୌଶଳ ଶିଖାଇଥିଲେ।



ଅନ୍ୟତମ ଅତିଥି ଭାବେ ସୁଦାମ ଭୋଇ ଯୋଗଦେଇ ଛାତ୍ରୀମାନେ ଛାତ୍ରମାନଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି ବୋଲି ତାଙ୍କ ଅଭିଭାଷଣରେ କହିଥିଲେ। ସୁଶ୍ରୀ ଶଶ୍ୱତୀ ଶ୍ୱେତଲିନୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଡିସିସି କିରାଣିଙ୍କ ଅବସର



ବିନିକା,୨୭ ।୨(ସମିସ): ବିନିକା ବିଡିସିସି ବ୍ୟାଙ୍କରେ ଦୀର୍ଘ ଦିନ ହେବ କିରାଣି ଭାବେ କାମ କରି ଆସୁଥିବା ସିନ୍ଦୂରପୁର ଗ୍ରାମର ସତ୍ୟବାନ ପଣ୍ଡା ଅବସର ନେଇଛନ୍ତି। ଏଥିପାଇଁ ଆଜି ତାଙ୍କୁ ବ୍ୟାଙ୍କ କର୍ମଚାରୀ ତଥା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସେ ଜିଲ୍ଲାର ବିଭିନ୍ନ ଶାଖାରେ କାର୍ଯ୍ୟ କରିବା ପରେ ଶେଷରେ ବିନିକା ଶାଖାରେ କାର୍ଯ୍ୟରତ ଥିଲେ।

## ବୌଦ୍ଧ ପାରିଜାତ ପ୍ୟାଲେସରେ ଚକ୍ଷୁ ଚିକିତ୍ସାଳୟ ଉଦ୍‌ଘାଟିତ

ବୌଦ୍ଧ,୨୭ ।୨(ସମିସ): ବୌଦ୍ଧ ସହରରେ ପାରିଜାତ ପ୍ୟାଲେସର ପରିସରରେ ମହାନଦୀ ଭିଜନ୍ ସେଣ୍ଟର ଉଦ୍‌ଘାଟିତ ହୋଇଛି। ଏହାକୁ ଲେପ୍ରା ସୋସାଇଟିର ମୁଖ୍ୟ ନିର୍ବାହୀ ଅଧିକାରୀ ଇଂ. ପ୍ରଶାନ୍ତ ନାୟକ ଉଦ୍‌ଘାଟନ କରିଥିଲେ। ମହାନଦୀ ନେତ୍ର ଚିକିତ୍ସାଳୟର ଅନ୍ୟତମ ଉପଦେଷ୍ଟା ଡକ୍ଟର ସଞ୍ଜୟ ପଣ୍ଡା ଉପସ୍ଥିତ ଥିଲେ।



### ସୋନପୁର ଡିଗ୍ରୀ କଲେଜରେ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ

## ଯୁବ ଶକ୍ତି ଜାଗ୍ରତ ହେଲେ ସୁସ୍ଥ ସମାଜ ଗଠନ ହୋଇପାରିବ

ତରଭା,୨୭ ।୨(ସମିସ): ସୋନପୁର ମଡେଲ ଡିଗ୍ରୀ କଲେଜର ପାଠଚକ୍ର ଭବନଠାରେ ଶୁକ୍ରବାର ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୁବର୍ଣ୍ଣପୁର ଅଞ୍ଜଲିନା ପ୍ରଧାନ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ଅଧିକାରୀ ଅର୍ଜୁନ ମାଝୀ, ଜାତୀୟ ସେବା ଯୋଜନାର ଜିଲ୍ଲା ଅଧିକାରୀ ଧିରେନ୍ଦ୍ର ମିଶ୍ର ଏବଂ ମୋ ଭାରତର ସହକାରୀ ଅଧିକାରୀ କୃପାସିନ୍ଧୁ ସା ଯୋଗ ଦେଇଥିଲେ। ଭାରତର ମେରୁଦଣ୍ଡ ହେଉଛନ୍ତି ଯୁବଶକ୍ତି। ଯୁବ ଶକ୍ତି ଜାଗ୍ରତ ହେଲେ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ଏଥିରେ ମତ ପ୍ରକାଶ ପାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଦେବାଶିଷ ମହାନ୍ତି ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଡକ୍ଟର ସନ୍ତୋଷ ଭୋଇ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥଲେ। ଅଧ୍ୟାପକ କେଶବ ଭୂଏ ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରାୟ ୨୦୦ ଛାତ୍ରଛାତ୍ରୀ "ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ: ଭାରତୀୟ ଗଣତନ୍ତ୍ର ପାଇଁ ଶିକ୍ଷା' ଶୀର୍ଷକ ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ। ପ୍ରତିଯୋଗୀଙ୍କ ମଧ୍ୟରୁ ନମାମି ତେଜସ୍ୱିନୀ ପଣ୍ଡା, ଜ୍ୟୋତିର୍ମୟୀ ପ୍ରଧାନ, ମାନସୀ ପଧାନ, ପ୍ରିୟଜ୍ୟୋତି ପାଣିଗ୍ରାହୀ ଏବଂ ଆଶୁତୋଷ ପୂଝାରୀ ରାଜ୍ୟସ୍ତରକୁ ମନୋନୀତ ହୋଇଥିଲେ। ଡକ୍ଟର ସିଦ୍ଧାନନ୍ଦ ପ୍ରଧାନ, ଡକ୍ଟର ମନୋଜ ନାଗ, ଡକ୍ଟର ରାଜେଶ କର୍ଣ୍ଣ, ଧୀରେନ୍ଦ୍ର ମିଶ୍ର ଏବଂ ବେଣୁଧର ପ୍ରଧାନ ଏହି ତର୍କ ପ୍ରତିଯୋଗିତାର ବିଚାରକ ଥିଲେ। ଡକ୍ଟର ସୁମନ ତ୍ରିପାଠୀ, ଡକ୍ଟର ମାମିନୀ ପଣ୍ଡା, ଡକ୍ଟର ଶୁଭ୍ରାଂଶୁ ଶେଖର ସାହୁ, ପ୍ରିୟଦର୍ଶନୀ ଘଡ଼େଇ, ସତ୍ୟବାନ ନାୟକ, ଚିନ୍ମୟୀ ମହାପାତ୍ର, ଶ୍ରୀକାନ୍ତ ଥନାପତି, ନେତ୍ରାନନ୍ଦ କୋଠାର ପ୍ରମୁଖ ସହଯୋଗ କରିଥିଲେ।

### ଫ୍ରେଣ୍ଡସ କ୍ଲବ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ମନୁପାଲି

ଜହ୍ନାପଙ୍କ,୨୭ ।୨(ସମିସ)



ବୌଦ୍ଧ ବ୍ଲକ୍ ମୁଣ୍ଡାପଡା ପଞ୍ଚାୟତ ହାଇସ୍କୁଲ ଖେଳପଡ଼ିଆରେ ମୁଣ୍ଡାପଡା ପ୍ରେଣ୍ଡସ କ୍ଲବ୍ ପକ୍ଷରୁ ୨୩ତମ ମୁଣ୍ଡାପଡା ଫ୍ରେଣ୍ଡସ କ୍ଲବ୍ ଫୁଟବଲ୍ ପ୍ରତିଯୋଗିତା ଚାଲିଛି। ତୃତୀୟ ଦିବସରେ ମନୁପାଲି ଓ ବଲାସିଙ୍ଗା ଦଳ ମଧ୍ୟରେ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଛି। ଏଥିରେ ଉଭୟ ଦଳ ଉଭୟ ଦଳକୁ ଗୋଟିଏ ଗୋଟିଏ ଗୋଲ୍ ଦେଇଥିଲେ। ଏହାଫଳରେ କେହି ବିଜୟୀ ହୋଇ ନ ଥିଲେ। ରେଫରୀଙ୍କ ଅନୁମତିରେ ପେଣ୍ଡାଲ୍ଟି ନେଇ ଟାଇବ୍ରେକର ଖେଳା ଯାଇଥିଲା। ଏଥିରେ ମନୁପାଲି ଦଳ ୫-୪ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ମୁଖ୍ୟ ଅତିଥି ଭାବେ ମୁଣ୍ଡାପଡା ରାଜସ୍ୱ ନିରୀକ୍ଷକ ହରିପ୍ରିୟା ପାତ୍ର, ମୁଣ୍ଡାପଡା ସେବା ସମବାୟ ସମିତିର କର୍ମଚାରୀ ଦେବେନ୍ଦ୍ର ବଗର୍ତ୍ତୀ ଯୋଗ ଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଅମିତ ବେହେରା ରେଫରୀ ଥିଲେ। ଅମରେଶ ପ୍ରଧାନ, ଶ୍ରବଣ ବେହେରା ସହଯୋଗ କରିଥିଲେ। ନିରଞ୍ଜନ ବଗର୍ତ୍ତୀ ଧାରାବିବରଣୀ ପ୍ରଦାନ କରିଥିଲେ। ଶନିବାର ମୁଣ୍ଡାପଡା ଦଳ ସହ ଗିରାସିଙ୍ଗା ଦଳ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ।

